# WORKSHEET

ch-1 ବର୍ଷା

୧. ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

(କ) ବର୍ଷାଋତୁ ଆମର କି ଉପକାର କରେ ?

ଉ- ବର୍ଷାଋତୁର ଜଳଦାନରେ ପୃଥିବୀ ଶସ୍ୟଶ୍ୟାମଳା ହୁଏ । ବିଭିନ୍ନ ପ୍ରକାର ଖାଦ୍ୟଶସ୍ୟ ଉତ୍ପନ୍ନ ହୁଏ । ବର୍ଷାଋତୁ ଯୋଗୁଁ ଜୀବଜଗତର ଖାଦ୍ୟାଭାବ ଓ ଜଳକଷ୍ଟ ଦୂର ହୁଏ ।

(ଖ) ବର୍ଷା କବିତାରେ କାହାକୁ କାହିଁକି ରାଜା ବୋଲି କୁହାଯାଇଛି ?

ଉ- ବର୍ଷା କବିତାରେ ପୃଥିବୀକୁ ରାଜା ବୋଲି କୁହାଯାଇଛି । କାରଣ ରାଜାଙ୍କ ମସ୍ତକରେ ପାଟଛତା ଶୋଭା ପାଉଥିଲା ଭଳି ପୃଥିବୀ ରାଜାଙ୍କର ମସ୍ତକରେ ଛତୁଗୁଡ଼ିକ ଛତା ପରି ଶୋଭା ପାଉଥାଏ । ତେଣୁ ଛତୁଗୁଡ଼ିକ ପୃଥିବୀ ରୂପକ ରାଜାଙ୍କର ଛତ୍ର ଭଳି ଦେଖାଯାଏ ।

(ଗ) ବର୍ଷାକାଳରେ ଆକାଶରେ କଣ ସବୁ ଦେଖାଯାଏ ?

ଉ- ବର୍ଷାକାଳରେ ଆକାଶରେ କଳାମେଘ ଭାସୁଥିବାର ଦେଖାଯାଏ । ମେଘ ଘର୍ଷଣରେ ବିଜୁଳି ଚମକେ ଓ ଘଡ଼ଘଡ଼ି ଶବ୍ଦ ଶୁଣିବାକୁ ମିଳେ ।

(ଘ) 'ତାପିତ ଥିଲା ଅଷ୍ଟମାସେ' - ଏପରି କାହିଁକି କୁହାଯାଇଛି ?

ଉ- ଦୀର୍ଘ ଆଠମାସ ଧରି ସୂର୍ଯ୍ୟଙ୍କର ପ୍ରଚଣ୍ଡ କିରଣରେ ଏ ଧରାପୃଷ୍ଠ ଉତ୍ତପ୍ତ ହୋଇଥିଲା । ପ୍ରାଣୀକୁଳ ବହୁ କଷ୍ଟ ଭୋଗ କରୁଥିଲେ । ତେଣୁ ଏପରି କୁହାଯାଇଛି ।

(ଙ) ଖଦ୍ୟୋତ ବର୍ଷାକାଳରେ କ'ଣ କରେ ?

ଉ- ବର୍ଷାକାଳରେ ସନ୍ଧ୍ୟାରେ ଖଦ୍ୟୋତ ବିଭିନ୍ନ ଆଡେ ଉଡ଼ନ୍ତି । ସେମାନଙ୍କ ମିଞ୍ଜିମିଞ୍ଜି ଆଲୁଅରେ ମେଘୁଆ ସନ୍ଧ୍ୟା ସୁନ୍ଦର ଦେଖାଯାଏ ।

୨. ସରଳ ଭାଷାରେ ବୁଝାଇ ଲେଖ ।

(କ) "ପ୍ରାଣୀ ଜୀବନ ଜଳଧାରା
କରୁଣା ଚିତ୍ତରେ ବରଷି"

ଉ- ପ୍ରାଣୀ ଜୀବନ...... ବରଷି ।।

ଉକ୍ତ ପଦ୍ୟାଂଶଟି ଜଗନ୍ନାଥ ଦାସଙ୍କ ରଚିତ 'ବର୍ଷା' ପଦ୍ୟରୁ ଆସିଅଛି । ଏଥିରେ ଜଳ ସହିତ ପ୍ରାଣୀ ଜୀବନର ସମ୍ପର୍କକୁ କବି ସୁନ୍ଦରଭାବେ ବର୍ଣ୍ଣନା କରିଛନ୍ତି ।

ବର୍ଷାକାଳ ଆସିଲେ ପୃଥିବୀର ଦୁଃଖ ଦୂର ହୁଏ । ଆଠମାସ ଧରି ସୂର୍ଯ୍ୟ ତାପରେ ଶୁଖିଲା ପଡ଼ିଥିବା ମାଟିରେ ବର୍ଷାଜଳ ପଡ଼ି ତାକୁ ଉର୍ବର କରେ । ଫଳରେ ପୃଥିବୀ ଶସ୍ୟଶ୍ୟାମଳା ହୁଏ । ମେଘମାନେ

ଘୋର ଗର୍ଜନ କରି ଜଳ ବର୍ଷା କରନ୍ତି । ପ୍ରାଣୀର ଜୀବନ ହେଉଛି ଜଳ । ଜଳ ବିନା ଜୀବନ ଧାରଣ ସମ୍ଭବ ନୁହେଁ । ତେଣୁ ବର୍ଷାଋତୁ କରୁଣାପୂର୍ଣ୍ଣ ହୃଦୟରେ ଜଳ ବର୍ଷାକରି ପ୍ରାଣୀର ଜୀବନରୁ ଦୁଃଖ ସନ୍ତାପ ଦୂର କରିଥାଏ ।

ଏହି ବର୍ଣ୍ଣନାରେ ଜଳ ସହ ଜୀବନର ନିବିଡ଼ ସମ୍ପର୍କ ଥିବାର ସୂଚନା ଦିଆଯାଇଛି ।

କ. ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତର ବାଛି ଲେଖ ।

(କ) ମର୍ତ୍ତ୍ୟପୁର କହିଲେ କଣ ବୁଝ?

ଉ. i) ମର୍ତ୍ତ୍ୟପୁର

(ଖ) ଜଗନ୍ନାଥ ଦାସ କେଉଁ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ?

ଉ- ii) ପୁରୀ

(ଗ) କିଏ ଆଠମାସ ଧରି ତାପିତ ଥିଲା?

ଉ- iii) ପୃଥିବୀ

(ଘ) କେଉଁମାନେ ତପସ୍ୟାର ଫଳ ସୁଖ୍ୟାତିରେ ଭୋଗ କରନ୍ତି?

ଉ- i) ତପସ୍ୱୀ

(ଙ) କିଏ ମେଘନାଦ ରୂପି ଗର୍ଜନ କରନ୍ତି?

ଉ- i) ମଣ୍ଡୁକ

୪. ତୁମର ପ୍ରିୟ ଋତୁ ବିଷୟରେ ଅନୁଚ୍ଛେଦ ଲେଖ ।

ଉ- ମୋର ପ୍ରିୟ ଋତୁ ହେଉଛି ବର୍ଷାଋତୁ । ମୁଁ ଏଠାରେ ବର୍ଷାଋତୁ ବିଷୟରେ ବର୍ଣ୍ଣନା କରୁଅଛି ।

ସାଧାରଣତଃ ଆଷାଢ଼ ଓ ଶ୍ରାବଣ ମାସକୁ ବର୍ଷାଋତୁ କହନ୍ତି । ଗ୍ରୀଷ୍ମ ଋତୁ ପରେ ଏହି ଋତୁ ଆସିବାରୁ ସମସ୍ତେ ଗ୍ରୀଷ୍ମକଷ୍ଟ ଭୁଲିଯାନ୍ତି । ବର୍ଷାଋତୁରେ ଆକାଶରେ ଭେଲା-ଭେଲା ମେଘ ଦେଖାଯାଏ । ବର୍ଷାଋତୁରେ ପ୍ରବଳ ବର୍ଷା ହୁଏ । ପ୍ରବଳ ବୃଷ୍ଟିପାତ ଫଳରେ ପୃଥିବୀର ରୂପ ବଦଳିଯାଏ । ପତ୍ରଶୂନ୍ୟ ବୃକ୍ଷଗୁଡିକ ବର୍ଷା ପାଣି ପାଇ ସବୁଜ ରଙ୍ଗ ଧାରଣ କରନ୍ତି । ପ୍ରବଳ ବର୍ଷା ହେବା ଦ୍ୱାରା ନଦୀ, ନାଳ, ଗାଡ଼ିଆ, ପୋଖରୀ ଜଳରେ ପରିପୂର୍ଣ୍ଣ ହୋଇଯାଏ, ନଦୀଗୁଡ଼ିକ କୂଳ ଲଙ୍ଘନ କରିଯାନ୍ତି । ଫଳରେ ଆଖପାଖ ଜମିରେ ବଢି ପାଣି ପଶି ଫସଲ ନଷ୍ଟ ହୋଇଯାଏ । ବହୁ ଧନ ଜୀବ ହାନି ହୁଏ । ବର୍ଷାଋତୁରେ କୃଷିକ୍ଷେତ୍ରରେ ନାନା ପ୍ରକାର କାର୍ଯ୍ୟ

ଶୋଭା ପାଏ । ବର୍ଷାଋତୁର ପ୍ରଧାନ ଫସଲ ହେଲା ଧାନ । ବର୍ଷାଋତୁରେ
ବିଭିନ୍ନ ପ୍ରକାର ଫସଲ ଯଥା- ଭେଣ୍ଡି, ଜହ୍ନି, କାକୁଡି, କଖାରୁ,
ବାଇଗଣ ଇତ୍ୟାଦି ଉତ୍ପନ୍ନ ହୁଏ । ପିଜୁଳି, କଦଳୀ, କମଳା ପ୍ରଭୃତି
ଫଳ ପ୍ରଚୁର ଫଳେ । ନାନାପ୍ରକାରର ଫୁଲ ମଧ୍ୟ ଏହି ସମୟରେ
ଫୁଟେ । ବର୍ଷାଋତୁରେ ପୃଥିବୀ ପୃଷ୍ଠରେ ନାନା ପ୍ରକାରର କୀଟପତଙ୍ଗ ଓ
କଅଁଳିଆ ଦୁବଘାସ ଉପରେ ଯାଏଁ ବୋହୁ ପୋକ ଗୁଳିବାର
ଦେଖାଯାଏ । ବର୍ଷାଋତୁରେ ଆକାଶରେ ଇନ୍ଦ୍ରଧନୁ ଶୋଭାପାଏ ।
ବର୍ଷାଋତୁରେ ଗହ୍ମା ପୂର୍ଣ୍ଣିମା, ଗଣେଶ ପୂଜା, ରଥଯାତ୍ରା ପ୍ରଭୃତି ପର୍ବ-
ପର୍ବାଣି ପାଳିତ ହୁଏ । ବର୍ଷାଋତୁ ଆମମାନଙ୍କର ଅନେକ ଉପକାର
କରେ । ପୃଥିବୀର ଜଳଅଭାବ ଦୂର କରି ଏହିଋତୁ ପଶୁ, ପକ୍ଷୀ,
ବୃକ୍ଷଲତା, କୀଟ, ପତଙ୍ଗ, ମନୁଷ୍ୟ ସମସ୍ତଙ୍କର ଉପକାର କରିଥାଏ ।
ଏହି ସବୁ କାରଣ ପାଇଁ ମତେ ବର୍ଷାଋତୁ ଭଲଲାଗେ ।